# ରାଜ୍ୟ ସିଲେକ୍ସନ୍ ବୋର୍ଡ, ଓଡିଶା ପୋଲିସ୍, କଟକ

## କନେଷ୍ଟବଳ ନିଯୁକ୍ତି ନିମନ୍ତେ ବିଜ୍ଞାପନ

**(କନେଷ୍ଟବଳ ନିଯୁକ୍ତି ପ୍ରକ୍ରିୟା ଉପରେ ସ୍ଥଗିତାଦେଶକୁ ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟ୍ୟାଧିକରଣ, କଟକ ପ୍ରତ୍ୟାହାର କରିନେଇଥିବା ହେତୁ କନେଷ୍ଟବଳ ନିଯୁକ୍ତି ନିମନ୍ତେ ପୂର୍ବୋକ୍ତ ବିଜ୍ଞାପନର ଶୁଦ୍ଧିପତ୍ର)**

ରାଜ୍ୟ ଆରକ୍ଷୀ ବିଭାଗର ବିଭିନ୍ନ ଆରକ୍ଷୀ ଜିଲ୍ଲା ଓ ପୋଲିସ୍ କମିଶନରେଟ୍‌ରେ ଖାଲିଥିବା ୧୮୭୮ଟି କନେଷ୍ଟବଳ ପଦବୀ ନିମନ୍ତେ ଗତ ତା.୧.୪.୨୦୧୧ରିଖରେ "ସମାଜ" ଓ "ପ୍ରଗତିବାଦୀ" ରେ ଏବଂ ତା.୨.୪.୨୦୧୧ ରିଖରେ "ଧରିତ୍ରୀ" ରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଉକ୍ତ ବିଜ୍ଞାପନ ମତେ ଅନେକ ପ୍ରାର୍ଥୀ ବିଭିନ୍ନ ଆରକ୍ଷୀ ଜିଲ୍ଲା ତଥା ପୋଲିସ୍ କମିଶନରେଟ୍, ଭୁବନେଶ୍ୱର ରେ ସେମାନଙ୍କର ପ୍ରାର୍ଥୀପତ୍ର ନିର୍ଦ୍ଧାରିତ ଫର୍ମରେ ଆବେଦନ କରିଥିଲେ । ପରନ୍ତୁ, କିଛି ପ୍ରାର୍ଥୀଙ୍କର ଆବେଦନ ଉପରେ ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟ୍ୟାଧିକରଣ, କଟକଙ୍କ ତା.୧୮.୪.୨୦୧୧ରିଖର ଆଦେଶ ମତେ ଉକ୍ତ କନେଷ୍ଟବଳ ଚୟନ ପ୍ରକ୍ରିୟା ଉପରେ ରହିତାଦେଶ ଜାରି ହୋଇଥିଲା । ଇତି ମଧ୍ୟରେ ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟ୍ୟାଧିକରଣ, କଟକଙ୍କ ତା.୧୮.୮.୨୦୧୧ ରିଖ ଆଦେଶ ନଂ.୦୯ ରେ ଉକ୍ତ ସ୍ଥଗିତାଦେଶ କୁ ପ୍ରତ୍ୟାହାର କରିନେଇଛନ୍ତି ।

ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟ୍ୟାଧିକରଣ, କଟକଙ୍କ ଉପରୋକ୍ତ ଆଦେଶ ମତେ କନେଷ୍ଟବଳ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟା ନିମ୍ନ ଲିଖିତ ସର୍ତ୍ତାବଳୀ ଅନୁସାରେ ପୁନଃ ଆରମ୍ଭ କରାଯିବ ।

**(କ) ସମସ୍ତ ବର୍ଗର ପ୍ରାର୍ଥୀ ମାନଙ୍କପାଇଁ ସୂଚନା**

ପୂର୍ବ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଅନ୍ୟାନ୍ୟ ଯୋଗ୍ୟତା ଭିତ୍ତିକ ମାପକାଠି, ପରୀକ୍ଷା ପଦ୍ଧତି ତଥା ଅନ୍ୟାନ୍ୟ ତଥ୍ୟ ଅପରିବର୍ତ୍ତିତ ରହିବ । ଯେଉଁ ପ୍ରାର୍ଥୀମାନେ ପୂର୍ବୋକ୍ତ ବିଜ୍ଞପ୍ତିମତେ ସେମାନଙ୍କର ସଠିକ ଆବେଦନ ପତ୍ର ସଠିକ ଜାଗାରେ ଦାଖଲ କରିବାର

ଶେଷ ତାରିଖ ତା.୧୫.୪.୨୦୧୧ ରିଖ ସୁଦ୍ଧା) ଦାଖଲ କରିଥିବେ ସେମାନଙ୍କୁ ଯୋଗ୍ୟତା ଅନୁସାରେ ଗ୍ରହଣ କରାଯିବ ଏବଂ ସେମାନେ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ନାହିଁ । ପରନ୍ତୁ ଯେଉଁ ପ୍ରାର୍ଥୀ ମାନଙ୍କର ପୂର୍ବୋକ୍ତ ଦରଖାସ୍ତ କୌଣସି କାରଣରୁ ସମୀକ୍ଷା ବେଳେ ନାକଚ କରାଯାଇଥିବ ଏବଂ ତତ୍ ସମ୍ପର୍କିତ କାରଣ ଦର୍ଶାଇ ଜିଲ୍ଲା ସିଲେକ୍ସନ ବୋର୍ଡର ନୋଟିସ୍‌ରେ ବାହାର କରାଯାଇଥିବ ସେମାନେ ମଧ୍ୟ ପୁନର୍ବାର ସଠିକ ଭାବରେ ନିମ୍ନ ବିଜ୍ଞାପନ ମତେ ଆବେଦନ କରିପାରିବେ ।

ଇତିମଧ୍ୟରେ ଯେଉଁ ପ୍ରାର୍ଥୀମାନେ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା, ବୟସ ମାନଦଣ୍ଡ, କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ ତଥା ଅନ୍ୟାନ୍ୟ ସମ୍ବନ୍ଧୀୟ ଯୋଗ୍ୟତା ଅର୍ଜନ କରିଥିବେ ସେମାନେ ମଧ୍ୟ ନିମ୍ନ ବିଜ୍ଞାପନ ମତେ ପ୍ରାର୍ଥୀ ଭାବେ ଆବେଦନ କରିପାରିବେ ।

**(ଖ) ପ୍ରକାଶିତ ହୋଇଥିବା ପୂର୍ବ ବିଜ୍ଞାପନ ଉପରେ ଶୁଦ୍ଧିପତ୍ର (ବୟସ ସୀମା କୋହଳର ମାନଦଣ୍ଡ ଉପରେ ମାନ୍ୟବର ନ୍ୟାୟାଧିକରଣଙ୍କ ଆଦେଶମତେ ନୂତନ ପ୍ରାର୍ଥୀ ମାନେ ଆବେଦନ କରିବାପାଇଁ ପ୍ରଯୁଜ୍ୟ)**

ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟ୍ୟାଧିକରଣ, କଟକଙ୍କ ଆଦେଶ ମତେ ୨୦୦୯ ଏବଂ ୨୦୧୦ ରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷା ହୋଇନଥିବାରୁ ସମସ୍ତ ବର୍ଗର ପ୍ରାର୍ଥୀ ମାନଙ୍କପାଇଁ ସର୍ବୋଚ୍ଚ ବୟସ ସୀମା ୨ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଅଛି । ତଦନୁଯାୟୀ ବିଭିନ୍ନ ବର୍ଗର ପ୍ରାର୍ଥୀ ମାନଙ୍କ ପାଇଁ ବୟସ ସୀମା (ତା.୧.୧.୨୦୧୧ ରିଖ ସୁଦ୍ଧା) ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ବୟସ ମାନଦଣ୍ଡ |
|---|---|---|
| ୧ | ସାଧାରଣ | ସର୍ବନିମ୍ନ – ୧୮ ସର୍ବୋଚ୍ଚ – ୨୫ |
| ୨ | ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର/ ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି/ ସମସ୍ତ ବର୍ଗର ମହିଳା ପ୍ରାର୍ଥୀ | ସର୍ବନିମ୍ନ – ୧୮ ସର୍ବୋଚ୍ଚ – ୩୦ |
| ୩ | ଗୃହରକ୍ଷୀ | ସର୍ବନିମ୍ନ – ୧୮ ସର୍ବୋଚ୍ଚ – ୩୦ |
| ୪ | ଗ୍ରୁପ୍ "ଡି" | ସର୍ବୋଚ୍ଚ ବୟସ ସୀମା ୪୫ ବର୍ଷରୁ ଅଧିକ ହୋଇନଥିବ |

(ଗ) ପୂର୍ବରୁ ଆବେଦନ କରିଥିବା ସମସ୍ତ ବର୍ଗର ପ୍ରାର୍ଥୀ ତଥା ବର୍ତ୍ତମାନ ଆବେଦନ କରୁଥିବା ପ୍ରାର୍ଥୀ ମାନଙ୍କର ଗୋଚରାର୍ଥେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାର ଯୋଗ୍ୟତା ମାପକାଠି, ପରୀକ୍ଷା ପଦ୍ଧତି ତଥା ଅନ୍ୟାନ୍ୟ ସୂଚନା (ବୟସସୀମା ମାନଦଣ୍ଡକୁ ଛାଡି, ଯାହା ସ୍ତମ୍ଭ "ଖ" ରେ ଦର୍ଶାଇ ଦିଆଯାଇଅଛି) ନିମ୍ନରେ ପ୍ରଦାନ କରାଗଲା ।

୧. ଖାଲିଥିବା ପଦବୀ ସଂଖ୍ୟା: (୨୦୦୯,୨୦୧୦ ଏବଂ ୨୦୧୧ ମସିହାକୁ ଭିତ୍ତିକରି ସମୁଦାୟ ଖାଲିଥିବା ପଦବୀ ସଂଖ୍ୟା ନିମ୍ନରେ ପ୍ରଦତ୍ତ କରାଗଲା)

| କ୍ରମିକ ସଂଖ୍ୟା | ପୋଲିସ କମିଶନରେଟ୍‌ର ନାମ/ଜିଲ୍ଲା/ଆରକ୍ଷୀ ଜିଲ୍ଲା | ସମୁଦାୟ ଖାଲିଥିବା ପଦବୀ ସଂଖ୍ୟା |
|---|---|---|
| ୧. | ପୋଲିସ କମିଶନରେଟ୍, କଟକ-ଭୁବନେଶ୍ୱର | ୪୦୭ |
| ୨. | ଜଗତସିଂହପୁର | ୮୬ |
| ୩. | ଯାଜପୁର | ୭୬ |
| ୪. | ନୟାଗଡ | ୫୨ |
| ୫. | କେନ୍ଦ୍ରାପଡା | ୭୪ |
| ୬. | ପୁରୀ | ୮୫ |
| ୭. | ଖୋର୍ଦ୍ଧା | ୨୨ |
| ୮. | ବାଲେଶ୍ୱର | ୩୯ |
| ୯. | ଭଦ୍ରକ | ୧୬ |
| ୧୦. | ମୟୁରଭଞ୍ଜ | ୮୫ |
| ୧୧. | ଗଞ୍ଜାମ | ୪୪ |
| ୧୨. | ବ୍ରହ୍ମପୁର | ୨୬ |
| ୧୩. | ବୌଦ୍ଧ | ୩୭ |
| ୧୪. | କନ୍ଧମାଳ | ୫୫ |
| ୧୫. | ଅନୁଗୁଳ | ୮୦ |
| ୧୬. | ଢେଙ୍କାନାଳ | ୫୪ |
| ୧୭. | ଦେବଗଡ | ୨୩ |
| ୧୮. | ସମ୍ବଲପୁର | ୩୭ |
| ୧୯. | ବରଗଡ | ୧୪ |
| ୨୦. | ବଲାଙ୍ଗିର | ୮୪ |
| ୨୧. | ସୁବର୍ଣ୍ଣପୁର | ୧୭ |
| ୨୨. | କୋରାପୁଟ | ୮୯ |
| ୨୩. | ମାଲକାନଗିରି | ୮୦ |

| | | |
|---|---|---|
| ୧୪. | ରାୟଗଡା | ୪୩ |
| ୧୫. | କଳାହାଣ୍ଡି | ୬୩ |
| ୧୬. | ନୂଆପଡା | ୧୨ |
| ୧୭. | ରାଉରକେଲା | ୯୮ |
| ୧୮. | କେନ୍ଦୁଝର | ୭୦ |
| ୧୯. | ଜି.ଆର.ପି.,କଟକ | ୨୦ |
| | **ମୋଟ** | ୧୮୭୮ |

ବିଭିନ୍ନ ବର୍ଗ ଯଥା ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି/ସାମାଜିକ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ/ଅସଂରକ୍ଷିତ ବର୍ଗ/ଅବସରପ୍ରାପ୍ତ ସାମରିକ କର୍ମଚାରୀ/କ୍ରୀଡାବିତ୍/ଗୃହରକ୍ଷୀ / ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ "ଡି" କର୍ମଚାରୀ ଓ ବିଭିନ୍ନ ବର୍ଗର ମହିଳା ପ୍ରାର୍ଥୀମାନଙ୍କ ନିମନ୍ତେ ପ୍ରଚଳିତ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି । ଆବଶ୍ୟକସ୍ଥଳେ ଉପରୋକ୍ତ ଖାଲି ଥିବା ପଦବୀଗୁଡିକର ସଂଖ୍ୟା ବୃଦ୍ଧି ହୋଇପାରେ ।

**୨. ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର :**

| **କ୍ରମିକ ସଂଖ୍ୟା** | **ପୋଲିସ କମିଶନରେଟ୍‌ର ନାମ/ଜିଲ୍ଲା/ଆରକ୍ଷୀ ଜିଲ୍ଲା** | **ନିଯୁକ୍ତି ପରୀକ୍ଷା କେନ୍ଦ୍ର** |
|---|---|---|
| ୧. | ପୁଲିସ କମିଶନରେଟ୍, କଟକ-ଭୁବନେଶ୍ୱର | ଓ.ଏସ୍.ଏ.ପି. ୭ମ ବାଟାଲିୟନ ପଡିଆ, ଭୁବନେଶ୍ୱର |
| ୨. | ଜଗତସିଂହପୁର | ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ,କଣ୍ଟାବଲ୍ଲଭପୁର, ଜଗତସିଂହପୁର |
| ୩. | ଯାଜପୁର | ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ,ପାଣିକୋଇଲି, ଯାଜପୁର |
| ୪. | ନୟାଗଡ | ପୋଲିସ ଟ୍ରେନିଂ ସ୍କୁଲ ପଡିଆ, ନୟାଗଡ |
| ୫. | କେନ୍ଦ୍ରାପଡା | ରିଜର୍ଭ ପୋଲିସ ଲାଇନ ପଡିଆ, ଜଜାଙ୍ଗ କେନ୍ଦ୍ରାପଡା |
| ୬. | ପୁରୀ | ରିଜର୍ଭ ପୋଲିସ ଲାଇନ ପଡିଆ, ପୁରୀ |
| ୭. | ଖୋର୍ଦ୍ଧା | ବି.ଜେ.ବି. ହାଇସ୍କୁଲ ପଡିଆ, ଖୋର୍ଦ୍ଧା (ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟ ସମ୍ମୁଖ) |
| ୮. | ବାଲେଶ୍ୱର | ରିଜର୍ଭ ପୋଲିସ ଲାଇନ ପଡିଆ, ବାଲେଶ୍ୱର |
| ୯. | ଭଦ୍ରକ | ନେହେରୁ ଷ୍ଟାଡିୟମ, ଭଦ୍ରକ |
| ୧୦. | ମୟୁରଭଞ୍ଜ | ରିଜର୍ଭ ପୋଲିସ ଲାଇନ ପଡିଆ, ବାରିପଦା |
| ୧୧. | ଗଞ୍ଜାମ | ରିଜର୍ଭ ପୋଲିସ ଲାଇନ ପଡିଆ, ଛତ୍ରପୁର |
| ୧୨. | ବ୍ରହ୍ମପୁର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ବ୍ରହ୍ମପୁର |

| | | |
|---|---|---|
| ୧୩. | ବୌଦ | ଏନ୍.ଏ.ସି. ଖେଳ ପଡିଆ, ବୌଦ |
| ୧୪. | କନ୍ଧମାଳ | ରିଜର୍ଭ ପୋଲିସ୍ ଲାଇନ ପଡିଆ, ଫୁଲବାଣୀ, କନ୍ଧମାଳ |
| ୧୫. | ଅନୁଗୁଳ | ପୋଲିସ ଟ୍ରେନିଂ କଲେଜ ପଡିଆ, ଅନୁଗୁଳ |
| ୧୬. | ଢେଙ୍କାନାଳ | ରିଜର୍ଭ ପୋଲିସ ଲାଇନ ପଡିଆ, ଢେଙ୍କାନାଳ |
| ୧୭. | ଦେବଗଡ | ଇନ୍ଦିରା ଗାନ୍ଧି ଷ୍ଟାଡିୟମ, ଦେବଗଡ |
| ୧୮. | ସମ୍ବଲପୁର | ରିଜର୍ଭ ପୋଲିସ ଲାଇନ ପଡିଆ, ସମ୍ବଲପୁର |
| ୧୯. | ବରଗଡ | ଜର୍ଜ ବାଳିକା ହାଇସ୍କୁଲ ପଡିଆ, ବରଗଡ |
| ୨୦. | ବଲାଙ୍ଗିର | ରିଜର୍ଭ ପୋଲିସ୍ ଲାଇନ ପଡିଆ, ମନୋହରପୁର, ବଲାଙ୍ଗିର |
| ୨୧. | ସୁବର୍ଣ୍ଣପୁର | ରୟାଲ୍ ଫିଲ୍ଡ, ସୋନପୁର |
| ୨୨. | କୋରାପୁଟ | ରିଜର୍ଭ ପୋଲିସ ଲାଇନ ପଡିଆ, କୋରାପୁଟ |
| ୨୩. | ମାଲକାନଗିରି | ଡି.ଏନ୍.କେ. ଗ୍ରାଉଣ୍ଡ, ମାଲକାନଗିରି |
| ୨୪. | ରାୟଗଡା | ଜି.ସି.ଡି. ଗ୍ରାଉଣ୍ଡ, ରାୟଗଡା |
| ୨୫. | କଳାହାଣ୍ଡି | ରିଜର୍ଭ ପୋଲିସ ଲାଇନ ପଡିଆ, ଭବାନୀପାଟଣା |
| ୨୬. | ନୂଆପଡା | ରିଜର୍ଭ ପୋଲିସ ଲାଇନ ପଡିଆ, ନୂଆପଡା |
| ୨୭. | ରାଉରକେଲା | ରିଜର୍ଭ ପୋଲିସ ଲାଇନ ପଡିଆ, ରାଉରକେଲା |
| ୨୮. | କେନ୍ଦୁଝର | ରିଜର୍ଭ ପୋଲିସ ଲାଇନ ପଡିଆ, କେନ୍ଦୁଝର |
| ୨୯. | ଜି.ଆର.ପି., କଟକ | ଗୋର୍ଖା କଲୋନି ଗ୍ରାଉଣ୍ଡ, ଓ.ଏମ୍.ପି. ଛକ, କଟକ |

ପ୍ରାର୍ଥୀମାନେ ଶାରୀରିକ ମାପ/ଦକ୍ଷତା ପରୀକ୍ଷା ନିମନ୍ତେ **ତା.୧୫.୧୦.୨୦୧୧ରିଖ ସକାଳ ୭ (ସାତ) ଘଣ୍ଟା** ସମୟରେ ନିଜ ନିଜ ଜିଲ୍ଲାର ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥିପାଇଁ ପ୍ରାର୍ଥୀ ମାନେ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ ।

**୩.** **<u>ଦରମା ହାର ଓ ଭତ୍ତା</u>**

ମୂଳ ଦରମା ଟ.୫,୨୦୦-୨୦,୨୦୦/- ଙ୍କା **+**

ଗ୍ରେଡ୍ ପେ- ଟ.୨,୦୦୦/- ଙ୍କା ଓ ଏଥି ସହିତ ଅନ୍ୟାନ୍ୟ ଭତ୍ତା ।

**୪.** **<u>ପରୀକ୍ଷା ଫି</u>**

କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତି ବ୍ୟତୀତ) ଟ.୧୦୦/- (ଏକଶହ ଟଙ୍କା)ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର "Chairman, State Selection Board, Odisha Police,

Cuttack" ଙ୍କ ସପକ୍ଷରେ କରାଯାଇଥିବା ଆବଶ୍ୟକ ଏବଂ "Payable at Cuttack" ଦର୍ଶାଯିବ । ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ୍ ପଡିବ ନାହିଁ ।

## ୫. <u>ନାମ ପଞ୍ଜିକରଣ</u>

ପ୍ରାର୍ଥୀ ଯେଉଁ ଜିଲ୍ଲାରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗ ନେବାକୁ ଚାହାନ୍ତି, ସେ ସେହି ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ । କମିଶନରେଟ୍, କଟକ-ଭୁବନେଶ୍ୱରରେ ଖାଲି ଥିବା ପଦବୀ ପାଇଁ କଟକ କିମ୍ବା ଖୋର୍ଦ୍ଧା ରାଜସ୍ୱ ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ପଞ୍ଜିକୃତ ପ୍ରାର୍ଥୀମାନେ ଆବେଦନ କରିପାରିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ । ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟକରୁଥିବା ଗ୍ରୁପ୍ "ଡି" କର୍ମଚାରୀଙ୍କ ନିମନ୍ତେ ନାମ ପଞ୍ଜିକରଣର ଆବଶ୍ୟକତା ନାହିଁ । ଓଡିଶାରେ ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିଥିବା ପ୍ରାର୍ଥୀ ଜି.ଆର.ପି., କଟକ ପାଇଁ ହେଉଥିବା ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ ।

## ୬. <u>ଶିକ୍ଷାଗତ ଯୋଗ୍ୟତା</u>

ପ୍ରାର୍ଥୀ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ +୨ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

## ୭. <u>ଅନ୍ୟାନ୍ୟ ଯୋଗ୍ୟତା</u>

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ/ପତି ନଥିବେ ।

(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇନଥିବେ ।

(ଘ) ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍ "ଡି" କର୍ମଚାରୀ ଅତି କମ୍‌ରେ ନିରବଚ୍ଛିନ୍ନ ଭାବରେ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିଥିବେ । ତାଙ୍କର କାର୍ଯ୍ୟକାଳରେ ସେ କୌଣସି ଗୁରୁତର ବିଭାଗୀୟ ଦଣ୍ଡ ଭୋଗି ନ ଥିବେ ଓ ଉତ୍ତମ ସେବାର ଅଧିକାରୀ ହୋଇଥିବେ ।

(ଙ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ଦିନ ସୁଦ୍ଧା ନିରବଚ୍ଛିନ୍ନ ଭାବେ ଗୃହରକ୍ଷୀ ଭାବେ ଅତିକମ୍‌ରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ନେଇଥିବେ ।

**ବି.ଦ୍ର.** କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ନିମନ୍ତେ ଦାଖଲ କରିବେ ।ଯେଉଁ ପ୍ରାର୍ଥୀ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍‌ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board) ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.57063/D&A dtd.23.12.2010 ରେ ଉପଲବ୍ଧ ଅଟେ ।

**୮. (କ) <u>ଶାରୀରିକ ମାପ</u>**

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ପୁରୁଷ | | | | ମହିଳା | |
|---|---|---|---|---|---|---|---|
| | | ଉଚ୍ଚତା | ଓଜନ | ଛାତିମାପ ଅଣସଂପ୍ରସାରିତ | ଛାତିମାପ ସଂପ୍ରସାରିତ | ଉଚ୍ଚତା | ଓଜନ |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. | ୧୫୮ ସେ.ମି. | ୪୭.୫ କି.ଗ୍ରା. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. | ୧୫୩ ସେ.ମି. | ୪୫ କି.ଗ୍ରା. |

**(ଖ)** ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ୍ "ଡି" କର୍ମଚାରୀମାନଙ୍କର ଶାରୀରିକ ମାପ, ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଓଜନରେ ୫ କି.ଗ୍ରା. ଓ ଛାତି ମାପରେ ୨ ସେ.ମି. ପର୍ଯ୍ୟନ୍ତ କୋହଳ କରାଯିବ ।

**(ଗ)** ଯେଉଁ କ୍ରୀଡାବିତ ମାନେ ସ୍ତମ୍ଭ ୧୨ରେ ଦର୍ଶାଯାଇଥିବା କ୍ରୀଡା ବିଭାଗରେ ଓପନ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ପ୍ରାର୍ଥୀ ଭାବେ ଭାଗନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା /ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦିତ ହୋଇଥିବ ଏବଂ କ୍ରୀଡା ନିର୍ଦ୍ଦେଶାଳୟରୁ ଆବଶ୍ୟକ ପରିଚୟପତ୍ର ପାଇଥିବେ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଛାତି ମାପରେ ୨ ସେ.ମି. ଓ ଓଜନରେ ୫ କି.ଗ୍ରା. ପର୍ଯ୍ୟନ୍ତ ନିୟମ ଅନୁଯାୟୀ କୋହଳ ପାଇବାର ବ୍ୟବସ୍ଥା ରହିଅଛି ।

**(ଘ)** ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଉପରୋକ୍ତ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ ।

## ୯. ଶାରୀରିକ ମାପ/ଶାରୀରିକ ଦକ୍ଷତା ପରୀକ୍ଷା

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା, ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରୀରିକ ଦକ୍ଷତା ପରୀକ୍ଷା ନିମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳର ପ୍ରୟୋଗ କରାଯାଇପାରେ । ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା ଜାଣିବା ପାଇଁ ସିଲେକ୍‌ସନ ବୋର୍ଡର ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୂଡାନ୍ତ ହେବ । ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା / ପୁନଃ ପରୀକ୍ଷା କରାଯାଇପାରେ । ଏ ସମ୍ବନ୍ଧରେ ସଂପୃକ୍ତ ଆରକ୍ଷୀ ଅଧୀକ୍ଷକ / କମିଶନର ପୋଲିସ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

**(କ) ଶାରୀରିକ ମାପ (ଉଚ୍ଚତା) - ୩ ବୋନସ୍ ମାର୍କ**

ଯେଉଁ ପୁରୁଷ ପ୍ରାର୍ଥୀମାନଙ୍କର ଉଚ୍ଚତା ୧୭୮ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ ଏବଂ ମହିଳା ପ୍ରାର୍ଥୀମାନଙ୍କର ଉଚ୍ଚତା ୧୬୫ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ, ସେମାନେ ୩ ନମ୍ବର ବୋନସ ମାର୍କ ପାଇବେ ।

**(ଖ) ଶାରୀରିକ ଦକ୍ଷତା ପରୀକ୍ଷା - ମୋଟ ନମ୍ବର ୩୦**

ନିମ୍ନଲିଖିତ ବିଭାଗ (event) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

| | ପୁରୁଷ ମାନଙ୍କ ପାଇଁ | | ସମୟ | ନମ୍ବର |
|---|---|---|---|---|
| (୧) | **ଦୌଡ** | ୧.୬ କି.ମି. | ୫ ମିନିଟ୍ | ୧୦ |
| | | | ୫.୩୦ ମିନିଟ୍ | ୮ |
| | | | ୬ ମିନିଟ୍ | ୬ |
| | | | ୬.୩୦ ମିନିଟ୍ | ୪ |

୬.୩୦ ମିନିଟ୍ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | | |
|---|---|---|---|---|
| (୨) | **ଉଚ୍ଚ ଡିଆଁ** | ୧.୨୨ ମିଟର | ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୩ ନମ୍ବର |
| | (ତିନିଥର) | | ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୨ ନମ୍ବର |
| | | | ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୧ ନମ୍ବର |

୩ ଥରରେ ୧.୨୨ମିଟର ଉଚ୍ଚଡିଆଁ ଡେଇଁନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ-:** ଯେଉଁ ପ୍ରାର୍ଥୀ ପ୍ରଥମ ସୁଯୋଗରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ପାରିବେ, ତାଙ୍କୁ ପରବର୍ତ୍ତୀ ଉଚ୍ଚତର ଡିଆଁରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ।ଏହି ସୁଯୋଗ ସେ

ପର୍ଯ୍ୟାୟକ୍ରମେ ନିମ୍ନଲିଖିତ ଉଚ୍ଚତିଆଁ ପାଇଁ ତିନି ଥର ସୁଯୋଗ ପାଇବେ । ସର୍ବୋଚ୍ଚ ଉଚ୍ଚ ତିଆଁ ପାଇଁ କେବଳ ନମ୍ବର ଦିଆଯିବ ।

| | | | |
|---|---|---|---|
| | ୧.୩୮ ମିଟର | - | ୬ ନମ୍ବର |
| | ୧.୫୦ ମିଟର | - | ୮ ନମ୍ବର |
| (୩) **ଲମ୍ବତିଆଁ ୩.୬୬ ମିଟର** | ୩.୬୬ ମିଟର | - | ୧ ନମ୍ବର |
| (୩ଟି ସୁଯୋଗ ମଧ୍ୟରୁ | ୪.୦୦ ମିଟର | - | ୩ ନମ୍ବର |
| ଶ୍ରେଷ୍ଠ ପ୍ରଦର୍ଶନ ପାଇଁ | ୪.୩୫ ମିଟର | - | ୫ ନମ୍ବର |
| ନମ୍ବର ଦିଆଯିବ) | ୪.୫୦ ମିଟର | - | ୬ ନମ୍ବର |

୩ଥରରେ ୩.୬୬ମିଟର ଲମ୍ବତିଆଁ ଡେଇଁନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୪) **ଦଉଡି ଚଢା -୬ ମିଟର** (ଭୂମିଠାରୁ ଉପରକୁ) କେବଳ ହାତ ବ୍ୟବହାର କରିବେ ।

| <u>ସମୟ</u> | <u>ନମ୍ବର</u> |
|---|---|
| ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୬ ନମ୍ବର |
| ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୪ ନମ୍ବର |
| ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୨ ନମ୍ବର |

ତିନି ଥରରେ ୬ ମିଟର ଦଉଡି ଚଢା ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ** - ୪୦ ମିଟର -୮ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| <u>ମହିଳା ମାନଙ୍କ ପାଇଁ</u> | | <u>ସମୟ</u> | <u>ନମ୍ବର</u> |
|---|---|---|---|
| (୧) **ଦୌଡ** | ୧.୬ କି.ମି. | ୭.୧୫ ମିନିଟ୍ | ୧୦ ନମ୍ବର |
| | | ୭.୪୫ ମିନିଟ୍ | ୮ ନମ୍ବର |
| | | ୮.୧୫ ମିନିଟ୍ | ୬ ନମ୍ବର |
| | | ୮.୩୦ ମିନିଟ୍ | ୪ ନମ୍ବର |

୮.୩୦ ମିନିଟ୍ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| (୨) **୨୦୦ ମିଟର ଦୌଡ** | <u>ସମୟ</u> | <u>ନମ୍ବର</u> |
|---|---|---|
| | ୨୮ ସେକେଣ୍ଡ | ୮ ନମ୍ବର |
| | ୩୨ ସେକେଣ୍ଡ | ୫ ନମ୍ବର |
| | ୩୬ ସେକେଣ୍ଡ | ୩ ନମ୍ବର |

୩୬ ସେକେଣ୍ଡ ମଧ୍ୟରେ ୨୦୦ ମିଟର ଦୌଡ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | |
|---|---|---|---|
| (୩) | **ଲମ୍ବଡିଆଁ ୨.୭୫ ମିଟର** | ୨.୭୫ ମିଟର | ୧ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୩.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନମ୍ବର | ୩.୨୫ ମିଟର | ୫ ନମ୍ବର |
| | ଦିଆଯିବ) | ୩.୫୦ ମିଟର | ୬ ନମ୍ବର |

୩ ଥରରେ ୨.୭୫ ମିଟର ଲମ୍ବଡିଆଁ ଡେଇଁ ନ ପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ

| | | | |
|---|---|---|---|
| (୪) | **ସାଇକେଲ୍ ଚାଳନା-୧.୬ କି.ମି.** | <u>ସମୟ</u> | <u>ନମ୍ବର</u> |
| | | ୫ ମିନିଟ୍ | ୬ ନମ୍ବର |
| | | ୫.୩୦ ମିନିଟ୍ | ୪ ନମ୍ବର |
| | | ୬ ମିନିଟ୍ | ୨ ନମ୍ବର |

୬ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ**-୪୦ ମିଟର - ୧୦ ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା) ୧୦ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ:-** ଯଦି ପ୍ରାର୍ଥୀ ଉପରୋକ୍ତ ବିଭାଗ ଗୁଡିକରେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ ।

**(ଗ) ଗାଡି ଚାଳନା ପରୀକ୍ଷା**

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍‌ରେ ୧ ବର୍ଷର ହାଲୁକା କିମ୍ବା ଭାରୀଯାନ ଚାଳନା ନିମନ୍ତେ ଲାଇସେନ୍‌ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି, କେବଳ ସେହିମାନେ ଗାଡିଚାଳନା ପରୀକ୍ଷାରେ ଭାଗନେଇ ପାରିବେ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ ।

(୧) ଭାରୀଯାନ ଚାଳନା - ଲାଇସେନ୍‌ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - **୫ ନମ୍ବର**

(୨) ହାଲୁକାଯାନ ଚାଳନା - ଲାଇସେନ୍‌ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - **୩ ନମ୍ବର**

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡି ଚଳାଇବା, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ ।

**ଦ୍ରଷ୍ଟବ୍ୟ:-** ଗାଡି ଚାଳନା ଲାଇସେନ୍ସର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ତାହାର ସଠିକ୍ ତାରିଖକୁ Original License ସହିତ ମିଳାଇ ପ୍ରାର୍ଥୀ ଦରଖାସ୍ତ ଫର୍ମରେ ଉଲ୍ଲେଖ କରିଥିବା ସମସ୍ତ ତଥ୍ୟ ସହିତ ବିଚାରକୁ ନିଆଯିବ ।

**୧୦. ଶିକ୍ଷାଗତ ଯୋଗ୍ୟତା - ମୋଟ ନମ୍ବର - ୭**

ପ୍ରାର୍ଥୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (+୨)ପରୀକ୍ଷାରେ ରଖିଥିବା %(ଶତକଡା) ମାର୍କକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ ।

| | ଶିକ୍ଷାଗତ ଯୋଗ୍ୟତା | ଡିଭିଜନ୍ (%) | ନମ୍ବର |
|---|---|---|---|
| (କ) | +୨ | ୬୧% ଓ ଅଧିକ | ୭ ନମ୍ବର |
| (ଖ) | +୨ | ୫୧% ଓ ଅଧିକ | ୪ ନମ୍ବର |
| (ଗ) | +୨ | ୪୧% ଓ ଅଧିକ | ୧ ନମ୍ବର |
| (ଘ) | +୨ | କମ୍ପାର୍ଟମେଣ୍ଟାଲ୍ / ସପ୍ଲିମେଣ୍ଟାରି / ୪୧ ପ୍ରତିଶତ ମାର୍କରୁ କମ୍ ହୋଇଥିଲେ କୌଣସି ନମ୍ବର ଦିଆଯିବ ନାହିଁ । | |

**ଦ୍ରଷ୍ଟବ୍ୟ:-** ପ୍ରଥମ ସୁଯୋଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ ।

**୧୧. ଲିଖିତ ପରୀକ୍ଷା - ମୋଟ ନମ୍ବର - ୩୫**

(କ) ଏହି ପରୀକ୍ଷା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ +୨ ଷ୍ଟାଣ୍ଡାର୍ଡର କରାଯିବ ।

(ଖ) ଏହି ପରୀକ୍ଷା ବହୁମୁଖୀ ସମ୍ବନ୍ଧୀୟ ପ୍ରଶ୍ନପତ୍ର ଯଥା- ଓଡିଆ ଭାଷା, ଇଂରାଜୀ ଭାଷା, ଅଙ୍କ ଜ୍ଞାନ (Arithmetic), ସାଧାରଣ ଜ୍ଞାନ (General Knowledge), ଯଥାର୍ଥତା (Aptitude) ଏବଂ ତର୍କ ଜ୍ଞାନ (Logical Reasoning) ଇତ୍ୟାଦିରେ କରାଯିବ ।

(ଗ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରି ନ ଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(ଘ) ଏହି ପରୀକ୍ଷା OMR (Optical Mark Reader) ପ୍ରଣାଳୀରେ କରାଯାଇପାରେ ।

(ଙ) ପ୍ରାର୍ଥୀ ମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର ସିଲେକ୍ସନ୍ ବୋର୍ଡଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୨. କ୍ରୀଡା - ମୋଟ ନମ୍ବର-୧୫**

କେବଳ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ ।

| | | | |
|---|---|---|---|
| ୧. | ଆଥ୍ଲେଟିକ୍ସ୍ | ୧୪. | କବାଡି |
| ୨. | ଆର୍ଚ୍ଚରି | ୧୫. | କରାଟେ ଡୋ |
| ୩. | ବ୍ୟାଡମିଣ୍ଟନ | ୧୬. | କାୟାକିଂ ଓ କ୍ୟାନୋଇଂ |
| ୪. | ବାସ୍କେଟବଲ | ୧୭. | ଲନ୍ ଟେନିସ୍ |
| ୫. | ବଡି ବିଲ୍ଡିଂ | ୧୮. | ପାୱାର ଲିଫ୍ଟିଂ |
| ୬. | ବକ୍ସିଂ | ୧୯. | ରୋଇଙ୍ଗ୍ |
| ୭. | କ୍ରିକେଟ୍ | ୨୦. | ସୁଟିଂ |
| ୮. | ସାଇକ୍ଲିଙ୍ଗ | ୨୧. | ସୁଇମିଙ୍ଗ୍ |
| ୯. | ଇକ୍ୱିଷ୍ଟ୍ରିଆନ | ୨୨. | ଟେବୁଲ ଟେନିସ୍ |
| ୧୦. | ଫୁଟବଲ୍ | ୨୩. | ତାଇକୋଣ୍ଡୋ |
| ୧୧. | ଜିମନାଷ୍ଟିକ୍ସ | ୨୪. | ଭଲିବଲ୍ |
| ୧୨. | ହକି | ୨୫. | ୱେଟ ଲିଫ୍ଟିଂ |
| ୧୩. | ଜୁଡୋ | ୨୬. | ରେସ୍ଲିଙ୍ଗ |

**(କ)** ଓପନ୍ ଜାତୀୟ ଚମ୍ପିଆନସିପ୍ ରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୭ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

**(ଖ)** ଆନ୍ତର୍ଜାତୀୟ କ୍ରୀଡାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ - ୧୦ ନମ୍ବର

**(ଗ)** ଆନ୍ତର୍ଜାତୀୟ କ୍ରୀଡାରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୧୪ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୩ ନମ୍ବର |

**ଦ୍ରଷ୍ଟବ୍ୟ:**-(୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟପାଇଁ ନମ୍ବର ଦିଆଯିବ ।

(୨) କେବଳ ଓପନ୍ ଜାତୀୟ ଏବଂ ଆନ୍ତର୍ଜାତୀୟ ଚମ୍ପିଆନସିପ୍ ରେ ପ୍ରାର୍ଥୀ ଭାଗ ନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା/ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା/ଜାତୀୟ କ୍ରୀଡା ସଂସ୍ଥା/ଅନୁଷ୍ଠାନ ତରଫରୁ ଅନୁମୋଦନ ହୋଇଥିବା ଆବଶ୍ୟକ ।

(୩) କେବଳ ଓପନ୍ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ଭାଗ ନେଇଥିବା ପୁରୁଷ, ମହିଳା, ଜୁନିଅର ବାଳକ/ବାଳିକା ଏବଂ ସବ୍ ଜୁନିଅର ବାଳକ/ବାଳିକା ବିଭାଗରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କର ଉପରୋକ୍ତ ଯୋଗ୍ୟତା ଭିତ୍ତିରେ ନମ୍ବର ବିଚାରକୁ ନିଆଯିବ ।

(୪) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲ୍ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ ।

(୫) କ୍ରୀଡା ସାର୍ଟିଫିକେଟର ବୈଧତା ଓ ଆନୁସଙ୍ଗିକ ନିୟମାବଳୀ ନିମନ୍ତେ ଘରୋଇ ବିଭାଗ Resolution No.57063/D&A Dtd. 23.12.2010 ରେ ଦ୍ରଷ୍ଟବ୍ୟ ।

**୧୩. ଏନ୍.ସି.ସି.ସାର୍ଟିଫିକେଟ୍ - ମୋଟ ନମ୍ବର ୫**

| | | |
|---|---|---|
| ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ | - | ୧ ନମ୍ବର |
| ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ | - | ୩ ନମ୍ବର |
| ଏନ୍.ସି.ସି. 'C' ସାର୍ଟିଫିକେଟ୍ ପାଇଁ | - | ୫ ନମ୍ବର |

**୧୪. ଡାକ୍ତରୀ ପରୀକ୍ଷା:**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ । ଆଣ୍ଠୁକୁ ଆଣ୍ଠୁ ବାଜିବା (knock knee), ଚଟକା ପାଦ (flat foot), ଫୁଲିଥିବା ଗୋଡ ଧମନୀ (varicose vein), ଧନୁଭଳି ବଙ୍କା ଗୋଡ (bow leg), ଟେରା (squint in eye) ଖରାପ ଦୃଷ୍ଟିଶକ୍ତି (poor vision), ରଙ୍ଗ ନ ଚିହ୍ନି ପାରିବା (colour blindness), flex finger, ଅନ୍ୟାନ୍ୟ ଶାରୀରିକ ଅକ୍ଷମତା, କହିବା ଏବଂ ଶୁଣିବାରେ ବାଧା ଇତ୍ୟାଦି ଏହି ଡାକ୍ତରୀ ପରୀକ୍ଷାର ଅନ୍ତର୍ଭୁକ୍ତ ହେବ ।

**୧୫.** ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି ଦାଖଲ କରିବେ । ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ଜେରକ୍ସ୍ ନକଲ ଉକ୍ତ ପ୍ରମାଣପତ୍ର ସଂପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୂଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ)
୨. ଶିକ୍ଷାଗତ ଯୋଗ୍ୟତା (+୨ ସାର୍ଟିଫିକେଟ ଓ ତତ୍ତୁଲ୍ୟ)
୩. ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)
୪. ନାମ ପଞ୍ଜିକରଣ ପ୍ରମାଣପତ୍ର (ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍ "ଡି" କର୍ମଚାରୀଙ୍କ ବ୍ୟତୀତ)
୫. କ୍ରୀଡା ପ୍ରମାଣପତ୍ର (କେବଳ ଅନୁଚ୍ଛେଦ ୧୨ରେ ଉଦ୍ଦିଷ୍ଟ ଥିବା କ୍ରୀଡା ନିମନ୍ତେ)
୬. ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ)
୭. ଗାଡି ଚାଳନା ଲାଇସେନ୍ସ (ଗାଡିଚାଳନା ଅଭିଜ୍ଞତା ଥିଲେ)
୮. ଗୃହରକ୍ଷୀ ନିଯୁକ୍ତି ପ୍ରମାଣପତ୍ର (ଗୃହରକ୍ଷୀ ହୋଇଥିଲେ)ଓ ୩ ବର୍ଷର କାର୍ଯ୍ୟ ପ୍ରମାଣପତ୍ର ।
୯. ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)
୧୦. ତିନୋଟି (୩) ପାସପୋର୍ଟ ସାଇଜର ରଙ୍ଗୀନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ରଙ୍ଗୀନ ଫଟୋଗ୍ରାଫ ବ୍ୟତୀତ) (ଏହି ତିନୋଟି ଫଟୋର ପଛପାଖରେ ପ୍ରାର୍ଥୀଙ୍କ ନାମ ଓ ଦସ୍ତଖତ ରହିବ)

**୧୬. କିପରି ଆବେଦନ କରିବେ**

ବର୍ତ୍ତମାନର ବୟସସୀମା କୋହଳ ଅନୁସାରେ ଆବେଦନ କରିବାକୁ ଚାହୁଁଥିବା ନୂତନ ପ୍ରାର୍ଥୀ ସମ୍ପୃକ୍ତ ଆରକ୍ଷୀ ଜିଲ୍ଲା / ପୋଲିସ୍ କମିଶନରେଟ୍‌ର କାର୍ଯ୍ୟାଳୟରୁ ଦରଖାସ୍ତ ଫର୍ମ କିଣି କିମ୍ବା ଦରଖାସ୍ତ ଫର୍ମ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମୀ ୱେବସାଇଟ୍ (www.bpspaorissa.gov.in)ରୁ ଡାଉନ୍‌ଲୋଡ୍ କରି ପୂରଣ କରିପାରିବେ । ଅନ୍ୟ ମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ସମସ୍ତ ବର୍ଗର ପ୍ରାର୍ଥୀମାନେ ଦରଖାସ୍ତ ଫର୍ମ ସହିତ ଫର୍ମ ମୂଲ୍ୟ ବାବଦକୁ ଟ.୨୫/- (ପଚିଶ ଟଙ୍କା ମାତ୍ର) ର ବ୍ୟାଙ୍କ ଡ୍ରାଫ୍‌ଟ/ପୋଷ୍ଟାଲ ଅର୍ଡର ଫର୍ମ କିଣିବା ସମୟରେ ପଇଠ କରିବେ । ୱେବ୍ ସାଇଟରୁ ଡାଉନ୍‌ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ ଫର୍ମ ସହିତ ଏହି ମୂଲ୍ୟର ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ସେହିପରି ପରୀକ୍ଷା ଫିସ୍ ବାବଦକୁ ପ୍ରାର୍ଥୀ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି ପ୍ରାର୍ଥୀ ମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ ପଡିବ ନାହିଁ)ଟ.୧୦୦/-(ଏକଶତ ଟଙ୍କା ମାତ୍ର) ର ବ୍ୟାଙ୍କ ଡ୍ରାଫ୍‌ଟ/ପୋଷ୍ଟାଲ ଅର୍ଡର ପଠାଇବେ । ସମସ୍ତ ବ୍ୟାଙ୍କ ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର "Chairman, State Selection Board, Odisha Police, Cuttack" ଙ୍କ ସପକ୍ଷରେ କରାଯାଇଥିବା ଆବଶ୍ୟକ ଏବଂ payable at Cuttack ଦର୍ଶାଯିବ । ବ୍ୟାଙ୍କ୍ ଡ୍ରାଫ୍‌ଟ / ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍‌ଟ / ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣ ପତ୍ର ଗୁଡିକର ନକଲ ଡାକଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକ / ପୋଲିସ୍ କମିଶନରଙ୍କ

କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସ୍ଥାନରେ ଦାଖଲ କରି ରସିଦ୍ ନେବେ । ଫର୍ମ ଦାଖଲ କରିବାର ଶେଷ **ତାରିଖ ୦୭.୧୦.୨୦୧୧** ଅଟେ ।

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ କନେଷ୍ଟବଳ ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡିଶା ସରକାରଙ୍କର ଗୃହ ବିଭାଗ ବିଜ୍ଞପ୍ତି ନଂ.57063/D&A dtd.23.12.2010 ରେ ଉପଲବ୍ଧ ।

**ବି.ଦ୍ର.**- ଉପରୋକ୍ତ ନିଯୁକ୍ତି ବିଜ୍ଞାପନ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ୱେବ ସାଇଟ୍ www.bpspaorissa.gov.in ରେ ଉପଲବ୍ଧ ହେବ ।

**ଅଧ୍ୟକ୍ଷ,**
**ରାଜ୍ୟ ସିଲେକ୍ସନ ବୋର୍ଡ,**
**ଓଡିଶା ପୋଲିସ୍, କଟକ**